## ସଂକ୍ଷେପରେ

### ପାଣ୍ଡବଘେରାରେ ମକରମେଳା

**ଔପଦା,୧୫।୧(ଡ଼ି.ଏନ୍.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ଅଘିରାପଦା ପଞ୍ଚାୟତର ବହୁ ପୁରାତନ ପାଷାଣକ୍ଷେତ୍ର ପାଣ୍ଡବଘେରାରେ ପାରମ୍ପରିକ ମକର ମେଳା ଆରମ୍ଭ ହୋଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି ମେଳାର ପ୍ରଥମ ଦିନରେ ସହସ୍ରାଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ, ବିଜୁଜନତା ଦଳର ଯୁବ ନେତା ସନ୍ତୋଷ ଖଟୁଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମେଳା ବୁଲିବାକୁ ଆସିଥିଲେ। ପ୍ରାୟ ୭୦୦ ଫୁଟ ଉଚ୍ଚରେ ଅବସ୍ଥିତ ପାହାଡ଼ ଉପତ୍ୟକା ସ୍ଥଳରେ ଥିବା ପାଷାଣକ୍ଷେତ୍ରର ଗୁମ୍ଫାରେ ଅଜ୍ଞାତ ବାସ ସମୟରେ ପାଣ୍ଡବମାନେ କିଛିକାଳ ବିତାଇଥିବା ଲୋକ କଥା ରହିଛି। ଏଣୁ ଉକ୍ତ ସ୍ଥାନରେ ମକରମେଳା ସମୟରେ ଦର୍ଶକଙ୍କ ସମାଗମ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବନ୍ଧୁମିଳନ ଓ ସାହିତ୍ୟ ଆସର ଆୟୋଜିତ ହୋଇଥାଏ। ଚଳିତ ବର୍ଷ ପଞ୍ଚୁପାଣ୍ଡବଙ୍କ ମୂର୍ତ୍ତି ସେଠାରେ ସ୍ଥାପନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିବା ପାଣ୍ଡବଘରା ସଦାଚାର ସମିତି ପକ୍ଷରୁ କୁହାଯାଇଛି। ମେଳାରେ ଆଇନ ଶୃଙ୍ଖଳା ରକ୍ଷା ଲାଗି ସ୍ଥାନୀୟ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

### ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମକର ଉତ୍ସବ

**ସୋର,୧୫।୧(ଡ଼ି.ଏନ୍.ଏ.):** ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ରାଧାନାଥ ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ଶତାଧିକ ସ୍ୱୟଂ ସେବକ ଘୋଷ ସହ ଏକ ଶୋଭାଯାତ୍ରାରେ ବାହାରି ଫ୍ଲାଇ ଓଭର ବ୍ରିଜ୍, ରାଇପୁର, ଛତ୍ରପୁର ପରେ ବଜାର ଦେଇ ନଗର ପରିକ୍ରମା କରିଥିଲା। ଅବସରପ୍ରାପ୍ତ ଅଧକ୍ଷ ସୁଦର୍ଶନ ସେଣ୍ଠଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରାନ୍ତ ପ୍ରଚାରକ ବିପିନ୍ ବିହାରୀ ନନ୍ଦ ଯୋଗଦେଇ ନାଗରିକ ସଂଶୋଧନ ବିଲ୍ ନେଇ ଭ୍ରମ ସୃଷ୍ଟିକାରୀ ଶକ୍ତିକୁ ଦେଶ ବିରୋଧୀ ତତ୍ତ୍ୱ ଆଧାରିତ ବୋଲି କହିଥିଲେ। ଦେଶର ଜଣେ ସଚେତନ ନାଗରିକ ଭାବେ ଏହି ବିରୋଧାଭାଷର ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାକୁ ଅନ୍ୟତମ ମାର୍ଗଦର୍ଶକ ଭାବେ ଅଧାପକ ବିଷ୍ଣୁମୋହନ ପଣ୍ଡା କହିଥିଲେ। ବିଭାଗ ଶାରରୀକ ପ୍ରମୁଖ ସବ୍ୟସାଚୀ ରଣା, ବିଜୟ କୁମାର ଦାସ, ବିକ୍ରମ କେଶରୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ବିଶିଷ୍ଟ ସମାଜ ବିଜ୍ଞାନୀ ଥିଲେ ଫକୀରମୋହନ'

**ବାଲେଶ୍ୱର ଅଫିସ,୧୫।୧**



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ପବିତ୍ର ମକର ସଂକ୍ରାନ୍ତି ଅବସରରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୭୮ତମ ଜୟନ୍ତୀ ଓ ବ୍ୟାସକବି ନଗର ବିକାଶ ପରିଷଦର ୨୮ତମ ବାର୍ଷିକ ଉତ୍ସବ ବୁଧବାର ସହଦେବଖୁଣ୍ଟାସ୍ଥିତ ବ୍ୟାସକବି ନଗରରେ ପାଳିତ ହୋଇଯାଇଛି। ସମାଜସେବୀ ତଥା ପରିଷଦର ସଭାପତି ରବି ରାୟ ଅଧକ୍ଷତା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ ଫକୀର ମୋହନଙ୍କ ଅବଦାନ ଅତୁଳନୀୟ। ଏଥିସହ ସେ ବିଶିଷ୍ଟ ସମାଜ ବିଜ୍ଞାନୀ ଥିଲେ ବୋଲି ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ।

ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ମଦନମୋହନ ଦତ୍ତ, ସମ୍ମାନିତ ଅତିଥି ଉପଜିଲାପାଳ ନିଲୁ ମହାପାତ୍ର, ବ୍ରିଟ୍ର ସଚିବ ନବୀନ ଚନ୍ଦ୍ର ସିଂ, କେନ୍ଦ୍ର ସରକାରଙ୍କ କ୍ଷେତ୍ର ପ୍ରଚାର ସଂସ୍ଥା ଅଧିକାରୀ ନିର୍ମାଲ୍ୟ ବେହେରା ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା କୁଳମଣି ବାରିକ ଯୋଗ ଦେଇଥିଲେ। ଆଜିର ସମାଜରେ ନାରୀ ଶିକ୍ଷା, ନିଶା ନିବାରଣ, ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବର କୁପରିଣାମ ଓ ଭଣ୍ଡବାବା, ମାତାଙ୍କ ସମ୍ପର୍କରେ ଫକୀର ମୋହନ ଦେଇଥିବା ବାର୍ତ୍ତା ଆଜି ବି ସମାଜର ଦିଗ୍‌ଦର୍ଶକ ହୋଇ ରହିଛି। ତାଙ୍କ ଜୀବନ ଦର୍ଶନ ଓ ଜାତୀୟତାବୋଧ ବର୍ତ୍ତମାନ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ୨୮ ବର୍ଷ ତଳେ ପ୍ରତିଷ୍ଠିତ ବ୍ୟାସକବି ନଗର ଓ ସ୍ଥାନୀୟ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଏବଂ ଭ୍ରାତୃଭାବ ବୃଦ୍ଧି ପାଇଁ ଗଠିତ ପରିଷଦ ବାଲେଶ୍ୱରରେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ରହିବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପରିଷଦର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ବକ୍ତୃତା, ଚିତ୍ରାଙ୍କନ, କୌତୁକ ପୋଷାକ, ମୁରୁଜ ପ୍ରତିଯୋଗିତା ସହ ଅନ୍ୟାନ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦର ଉପଦେଷ୍ଟା ଅଖିଳ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଓ ଆଇନଜୀବୀ ମନୋଜ ନାୟକ ନବବର୍ଷ ଓ ମକର ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ ସଭା ପରିଚାଳନା କରିଥିବାବେଳେ ଉପସଭାପତି ଜିତେନ୍ଦ୍ର ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାଂସ୍କୃତିକ ସମ୍ପାଦକ ରାଜକିଶୋର ଦାସ ଅଧିକାରୀ ଓ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଭଗବାନ ମହନ୍ତି, ଇଂ. ଉମ୍ବରୁଧର ପ୍ରଧାନ, ସଞ୍ଜୟ ଚୌଧୁରୀ, ଅଶୋକ ଦାଶ, ସୁବ୍ରତ ଦାଶ, ବେଣୁଧର ପଣ୍ଡା, ବିନୁ ସିଂ, ସରସ୍ୱତୀ ଜେନା, ପ୍ରଭାତ ସାହୁ, ସସ୍ମିତା ବେହେରା, ରେଣୁବାଳା ପ୍ରଧାନ, ସୁଧୀର ଦାସ, ଡ. ଅରବିନ୍ଦ ବେଜ, ରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିଲା। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପଲ୍‌ସ ପୋଲିଓ ଲାଗି ଟାସ୍କଫୋର୍ସ ବୈଠକ
# ଟିକା ନେବେ ୨,୧୩, ୨୯୯ ଶିଶୁ

**ବାଲେଶ୍ୱର ଅଫିସ, ୧୫।୧:** ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ପରିସରରେ ପୋଲିଓ କାର୍ଯ୍ୟକ୍ରମ ଲାଗି ଜିଲା ଟାସ୍କଫୋର୍ସର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଅଧିକ ଗୁରୁତ୍ୱ ଦେବା ସହ ଜିଲାରେ ୨ଲକ୍ଷ ୧୩ହଜାର ୨୯୯ ଶିଶୁଙ୍କୁ ଟିକାଦାନ କରାଯିବାର ନିର୍ଦ୍ଧାରିତ କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବିଶେଷ କରି ରୋଟାରୀ କ୍ଲବର ସଦସ୍ୟମାନଙ୍କୁ କାର୍ଯ୍ୟକ୍ରମର ତଦାରଖ ଏବଂ ସୁପରିଚାଳନା ନିମନ୍ତେ କାର୍ଯ୍ୟନିର୍ବାହ ଲାଗି କୁହାଯାଇଥିଲା। ଆସନ୍ତା ୧୯, ୨୦ ଓ ୨୧ତାରିଖରେ ଜିଲାର ସମସ୍ତ ୫ବର୍ଷରୁ କମ୍ ବୟସର ଶିଶୁଙ୍କୁ ପଲ୍‌ସ ପୋଲିଓ ଟିକାଦାନ କରାଯିବାକୁ ସ୍ଥିର ହୋଇଛି। ଅପହଞ୍ଚ ଇଲାକାଗୁଡ଼ିକରେ ଟିକାଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜିଲାରେ ୦ରୁ ୫ ବର୍ଷ ମଧ୍ୟରେ ଥିବା ପ୍ରାୟ ୨ଲକ୍ଷ ୧୩ହଜାର ୨୯୯ ଶିଶୁଙ୍କୁ ନିର୍ଦ୍ଧାରିତ ଦିନରେ ୧୦୪୩ଟି ବୁଥ ମାଧ୍ୟମରେ ଟିକାଦାନ କରାଯିବ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ୍ ଅନୀଲ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମବାଳା ମିଶ୍ର, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ରୋଟାରିଆନ ସୁବ୍ରତ କର, କ୍ୟାପଟେନ ବିକାଶ କର, ସମାଜସେବୀ ହୁସେନ ଚାଚାଙ୍କ ସମେତ ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**INSTITUTE OF ENTREPRENEURSHIP DEVELOPMENT, ODISHA**
*An Institute of*
**MSME Department, Govt. of Odisha**

**Invites applications for**

2 (Two) weeks Skill-cum-Entrepreneurship Development Programme (SEDP) on Food Processing Industries to be conducted during January to March, 2020 at Livelihood Business Incubator (LBI) Centre, IED, Bhubaneswar. This programme is sponsored by Odisha Small Industries Corporation Limited, Cuttack.

**Course Content :** Entrepreneurial Motivational Inputs (one week) : Opportunity Guidance on Food Processing units, Market Survey and Identification of projects, Preparation of Project reports, Role of Financial Institutions and supporting agencies, Statutory norms and laws, Food laws such as EPO/PFA/ECA/BIS/AGMARK, Basic Management Inputs, Financial Management, Field visit to local Food Processing units.

**Product Inputs** (one week) : Product inputs on food processing like Soya Paneer, Jam, Jelly, Mixture, Spices grinding, THR products, Chowmin, Noodles etc. with practical demonstration.

**Eligibility:** Persons having aptitude to take up self-employment venture as career can apply. Preference will be given to SC/ST candidates. The programme is of non-residential and no TA/DA will be paid for attending the training.

**Education:** +2 and above. However, educational qualification would be relaxed from 10 +2 to 10th class in case of SC/ST/OBC/Women and other deserving candidates having aptitude for entrepreneurship as a career.

**Age:** 18 to 35 years (Relaxation for SC/ST/OBC/Women/PH candidates.

**Intake capacity per batch:** 25 to 30 candidates through selection interview.

**Last Date for submission of application :** 28th January, 2020.

**Date of Selection Interview :** 29th January, 2020 at IED Office.

Interested candidates can apply online or download the application form from Institute's website www.ideodisha.nic.in and send the application indicating Name, Address, Date of Birth, Qualification, Caste (with proof), Gender, Mobile No., Identified projects (if any), Investment capability, Banker name etc. alongwith 2 nos. recent passport size photographs and copy of Aadhar card to the Institute / e-mail to iedodisha87@gmail.com. For further queries, please contact In-charge Training Officer on his mobile no.8144339229 / 9437163828.

**CHIEF EXECUTIVE OFFICER (CEO), IED, ODISHA, Bhubaneswar**
**123, Sector-A, Zone-A, Mancheswar Industrial Estate, Rasulgarh, Bhubaneswar-751010, Phone : 0674-2587176/2585609**

Email : iedodisha87@gmail.com, Web : www.iedodisha.nic.in

# ଗଙ୍ଗାସାଗରରେ ବୁଡ଼ ଦେଲେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ

**ଭୋଗରାଇ, ୧୫।୧ (ଡି.ଏନ.ଏ.):** ମହାପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ବୁଧବାର ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲା ସାଗର ଦ୍ୱୀପ ଗଙ୍ଗାସାଗର ସଙ୍ଗମସ୍ଥଳରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ ବୁଡ଼ ଦେଇଥିଲେ। ପୁରୀ ଗୋବର୍ଦ୍ଧନ ପୀଠର ମଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏଠାରେ ମକର ବୁଡ଼ ଦେଇ ଗଙ୍ଗା ମା'ଙ୍କୁ ପୂଜାର୍ଚ୍ଚନା କରିବାସହ ପ୍ରଭୁ ଜଗନ୍ନାଥଙ୍କୁ ଜଗତର କଲ୍ୟାଣ ନିମନ୍ତେ ଆରାଧନା କରିଥିଲେ।

ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ତୀର୍ଥ ଯାତ୍ରୀ ମଧ୍ୟ ଏଠାରେ ମକରବୁଡ଼ ଦେଇ ପ୍ରସିଦ୍ଧ କପିଳ ମୁନି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଗଙ୍ଗା ସାଗରରେ ଧର୍ମୀୟ ଗୁରୁଙ୍କ ପ୍ରବଚନ, ଶ୍ରଦ୍ଧାଳୁଙ୍କ ହରହର ମହାଦେବ ଓ ଶଙ୍ଖଧ୍ୱନି, ଝାଲି ଘଣ୍ଟା ବାଦ୍ୟସହ ମହିଳାଙ୍କ ହୁଳହୁଳି ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ବୁଧବାର ପ୍ରତ୍ୟୁଷରୁ ଗଙ୍ଗା ସାଗରରେ ଅସଂଖ୍ୟ ତୀର୍ଥଯାତ୍ରୀ ଓ ସାଧୁସନ୍ଥମାନେ ବୁଡ଼ ଦେଇଥିଲେ। ୪ କି.ମି. ପରିଧି ସମୁଦ୍ର ବେଳାଭୂମି ମକର ସଂକ୍ରାନ୍ତିରେ ଜନସମୁଦ୍ର ପାଲଟିଥିଲା। ପ୍ରସିଦ୍ଧ କପିଳମୁନି ମନ୍ଦିରରେ ପୂର୍ବ-ଉତ୍ତର ପାର୍ଶ୍ୱରେ ଉଲଗ୍ନ ନାଗା ସନ୍ନ୍ୟାସୀ ବିଭିନ୍ନ ଢଙ୍ଗରେ ଭକ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ମେଳାରେ ଅନ୍ୟ ଏକ ଆକର୍ଷଣ ଥିଲା। ଭାରତ ପ୍ରସିଦ୍ଧ ଏହି ମେଳାରେ ସରକାରଙ୍କ ପକ୍ଷରୁ ତୀର୍ଥ ଯାତ୍ରୀଙ୍କ ସକାଶେ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଥିଲା। ଗଙ୍ଗାସାଗରକୁ ପରିଷ୍କାର ପରିଚ୍ଛନ୍ନ ଲାଗି ସହସ୍ରାଧିକ ସ୍ୱେଚ୍ଛାସେବୀ ସଙ୍ଗଠନ ଦିବାରାତ୍ର ୨୪ ଘଣ୍ଟିଆ ସେବା କାର୍ଯ୍ୟ ଚାଲୁ ରଖିଥିଲେ। ଅପରପକ୍ଷରେ ଭୋଗରାଇର ଉଦୟପୁର ଓ ତାଳସାରୀସହ ବାଲିଆପାଳ ସମୁଦ୍ର ବେଳାଭୂମିରେ ଲକ୍ଷାଧିକ ଶ୍ରଦ୍ଧାଳୁ ମକର ବୁଡ଼ ପକାଇଥିଲେ।



ଗଙ୍ଗାସାଗରରେ ମକରବୁଡ଼ ଅବସରରେ ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ।

# ଜାତୀୟ ଖାଦ୍ୟ ପ୍ରକ୍ରିୟାକରଣ ଅଧିକାରୀଙ୍କ ଜଳେଶ୍ୱର ଗସ୍ତ

**ଜଳେଶ୍ୱର,୧୫।୧(ସ୍ୱପ୍ର):** ନୂଆଦିଲ୍ଲୀସ୍ଥିତ ଜାତୀୟ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗର କେତେକ ଅଧିକାରୀ ବୁଧବାର ଜଳେଶ୍ୱର ବ୍ଲକର କୋର୍ଟସାହି ଓ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର କେତେକ ଉତ୍ପାଦକ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପୂର୍ବାହ୍ନରେ ଜାତୀୟ ଖାଦ୍ୟ ପ୍ରକ୍ରିୟାକରଣ ଅଧିକାରୀ ଅଙ୍କିର ସୁଦ୍, ଆରାଧନା ଶ୍ରୀବାସ୍ତାବ ଓ ଭୁବନେଶ୍ୱର ଖାଦ୍ୟ ପ୍ରକ୍ରିୟାକରଣ ଅଧିକାରୀ ନିତୀଶ ପଟ୍ଟନାୟକ, ବାଲେଶ୍ୱର ଜିଲା ମିଶନଶକ୍ତି ଡିପିସି ବିଶ୍ୱଜିତ୍ ପରିଡ଼ା, ଜଳେଶ୍ୱର ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଦିପ୍ତିମୟୀ ପୋଥାଳ, ମିଶନଶକ୍ତି ସଂଯୋଜିକା ଲୋପାମୁଦ୍ରା ପରିଡ଼ା, ମହିଳା ପରିଦର୍ଶିକା ପାର୍ବତୀ ଟୁଡୁ ଏବଂ ଓଡ଼ିଶା ଜୀବିକା ମିଶନର ସଂଯୋଜକ ଚନ୍ଦନ କୁମାର ନାଥ ପ୍ରମୁଖ ଏହି ପରିଦର୍ଶନରେ ସାମିଲ ଥିଲେ। ରାୟାଁରାମଚନ୍ଦ୍ରପୁର ପଞ୍ଚାୟତରେ ମାଛ ଓ ପନିପରିବା ଉତ୍ପାଦକ କେନ୍ଦ୍ର ତଥା କୋର୍ଟ ସାହିର ବିଶ୍ୱକର୍ମା ଟେଲରିଂ ଉତ୍ପାଦକ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। କେତେକ ସଦସ୍ୟାସଦସ୍ୟ ତାଲିମ କେନ୍ଦ୍ର, ଉତ୍ପାଦକ ଯନ୍ତ୍ରାଂଶ ଓ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଥିବା ବେଳେ ପରିଦର୍ଶକମାନେ ସମ୍ମତି ପ୍ରକାଶ କରିଥିଲେ। କୋଟସାହିର ଏମ୍‌ବିକେ ରିନାରାଣୀ ବେହେରା ଓ ସୁଜାତା ବାଣ ଏଥିରେ ସହଯୋଗ କରିଥିଲେ।

# ମକର ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ରେମୁଣା,୧୫।୧ (ଡ଼ି.ଏନ୍.ଏ.):** ସୂର୍ଯ୍ୟଙ୍କର ଉତ୍ତରାୟଣ ଏବଂ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଗୌଡ଼ଦାଣ୍ଡଠାରେ ମହିଳାଙ୍କ ଦ୍ୱାରା ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗାଁର ମହିଳାମାନେ ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ବେଙ୍ଗ ଡିଆଁ, ଆଳୁ ଚାମଚ, ପୁଚି ଏବଂ ମହିଳାଙ୍କ ମଧ୍ୟରେ ଶଙ୍ଖ ଫୁଙ୍କା, ହୁଳହୁଳି ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅପରାହ୍ନରେ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ରେମୁଣା ଇସ୍କନର ମୁଖ୍ୟ ମୁକୁନ୍ଦ ଚୈତନ୍ୟ ଦାସ, ଅନ୍ୟତମ ଅତିଥିଭାବେ ୱାର୍ଡ଼ ସଭ୍ୟା ସସ୍ମିତା ଦଳେଇ ଯୋଗଦେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଭବେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ମନୀଷା ଦଳେଇ, ଅଶ୍ୱିନ୍ ପଟ୍ଟନାୟକ, ବ୍ରଜଗୋପାଳ ବେହେରା, ଉଷଶ୍ରୀ ଦଳେଇ, ସୁପ୍ରିୟା ଖିଲାର, ସାଇ ପ୍ରକାଶ ଖିଲାର, ସ୍ନେହାରାଣୀ ତରେଇ, କସ୍ତୁରୀ ଖିଲାର, ଜଜ୍ଞାସା ଖିଲାର, ସ୍ମୃତିରେଖା ଖିଲାର, ଗୀତାଞ୍ଜଳି ଦଳେଇ, ସୁକାନ୍ତି ଦାସ, ରୀନା ଦାସ, ସୋନାଲି ଦାସ, କବିତା ଦଳେଇ, ସ୍ୱାଗତିକା ଖିଲାର, ମମତା ସିଂ, ଭାଗ୍ୟଶ୍ରୀ ଦଳେଇ ପୁରସ୍କୃତ ହୋଇଥିଲେ। ମମତା ସିଂ, ମିନତୀ ପାତ୍ର, ସୁକାନ୍ତୀ ବେହେରା, ଦୀପ୍ତି ଦାସ, ସୁମତି ବାରିକ, ସସ୍ମିତା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଭାଗନେଇଥିବା ମହିଳା ଓ କୃତୀ ପ୍ରତିଯୋଗୀମାନେ।

## ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ
# ନିମପୁର ସ୍ପୋର୍ଟିଂ ଚାମ୍ପିୟନ



ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ଖଇରା, ୧୫।୧ (ଡି.ଏନ.ଏ):** ଖଇରା ଥାନା ଗଣ୍ଡିବେଡ ହାଇସ୍କୁଲ ପଡ଼ିଆରେ ୬ ତାରିଖରୁ ଆରମ୍ଭ ହୋଇଥିବା ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇ ଯାଇଛି। ଫାଇନାଲରେ କଟକର ନିମପୁର ସ୍ପୋର୍ଟିଂ ବାରିପଦାର ଡିଆରକେକୁ ହରାଇ ଚାମ୍ପିୟନ ହୋଇଛି। ସଞ୍ଜୀବ ବେହେରା, ଶାନ୍ତନୁ ରାଉତ ମ୍ୟାଚ ପରିଚାଳନା କରିଥିଲେ। ଖେଳ ଆରମ୍ଭରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ୨ଦଳର ଖେଳାଳିଙ୍କ ସହ କରମର୍ଦ୍ଦନ କରିବା ସହ ଖେଳପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଲଙ୍କେଶ୍ୱର କମିଟିର ସଭାପତି ଅଭିମନ୍ୟୁ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସୁଶାନ୍ତ ମହାପାତ୍ର ବିବରଣୀ ପାଠ, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ସୁଶାନ୍ତ ମହାକୁଡ,ଏସଆର ଗ୍ରୁପ ଅଧ୍ୟକ୍ଷ ଇଂ. ରାଜେଶ କୁମାର ମହାକୁଡ, ଗୋପାଳପୁର କଲେଜର ଅଧ୍ୟାପକ ଡ.ଅଭୟ କୁମାର ମହାନ୍ତି, ରାଧିକା ଏକ୍ସପ୍ରେସର ମୁଖ୍ୟ ରାଧାକାନ୍ତ ରାଉଳ, ଗିରିଜା ଶଙ୍କର ଦାସ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ କଟକକୁ ୨୦ହଜାର ଓ ରନର୍ସ ଅପ୍ ବାରିପଦା ଟିମକୁ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କଟକର ବିକ୍ରମ ସାମଲଙ୍କୁ ମ୍ୟାନ୍ ଅଫ ଦି ସିରିଜ, ଅଭିଷେକ ନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ, ଏମଡି ଦାନିସଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। କ୍ରିକେଟ କମିଟିର ଉପସଭାପତି ଜିବନଜ୍ୟୋତି ଦାସ, ସହ ସମ୍ପାଦକ ଗୋବର୍ଦ୍ଧନ ମହାରଣା, ସପନ ମହାନ୍ତି,କୋଷାଧକ୍ଷ ଶ୍ରୀକାନ୍ତ ରାଉଳ,ମନୋଜ ଦାସ,ନିର୍ମଳ ଜେନା,ରଣଜିତ ଜେନା,ପପୁ ଜେନା,ଶୁଭ ସୁନ୍ଦର ଦାସ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

ଜାତୀୟ ଟୀକାକରଣ ଦିବସ
**ପଲ୍‌ସ ପୋଲିଓ ଅଭିଯାନ**
୧୯ ଜାନୁଆରୀ, ୨୦୨୦
DSPL - 234

ଦୁଇ ବୁନ୍ଦା ପୋଲିଓ ଏହି ଦିନ
ଶିଶୁକୁ ଦେବ ନୂଆ ଜୀବନ

ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁକୁ ପୋଲିଓର ମାତ୍ରା ନିଶ୍ଚୟ ଖୁଆନ୍ତୁ ଏବଂ ପୋଲିଓ ସଂକ୍ରମଣକୁ ଆଉ ଫେରିବାପାଇଁ ସୁଯୋଗ ଦିଅନ୍ତୁ ନାହିଁ।




ତେଣୁ ଆସନ୍ତୁ, ସମସ୍ତେ ଏକାଠି ହୋଇ ଆମ ଦେଶରେ ପୋଲିଓ ରୋଗକୁ ପ୍ରତିରୋଧ କରିବା।

ଅଧିକ ଜାଣିବା ପାଇଁ ଆଶା/ଅଙ୍ଗନୱାଡିକର୍ମୀ /ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ।

World Health Organization | Rotary | CDC | unicef

# ପରିବାରର ସାହାରା ଗୁରମଣି

ପଦ୍ମପୁର, ୧୫।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତ କପାଗଡ଼ିଆ ଗ୍ରାମର କୈଳାସ ସେଠୀଙ୍କ ବଡ଼ଝିଅ ଗୁରମଣି। ବୟସ ୨୯।

ଭୁଲ୍ ଇଞ୍ଜେକଶନ ଯୋଗୁ ୩ ବର୍ଷ ବୟସରୁ ସେ ଦିବ୍ୟାଙ୍ଗ ହୋଇଯାଇଛନ୍ତି। ଘରର ଅବସ୍ଥା ଭଲ ନ ଥିବାରୁ ସେ ଦିବ୍ୟାଙ୍ଗ ହୋଇ ମଧ୍ୟ ପରିବାରର ବୋଝ ନିଜ କାନ୍ଧକୁ ନେଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ସ୍ୱୟଂସହାୟକ ଗୋଷ୍ଠୀର ସମ୍ବଳ ବ୍ୟକ୍ତି ଭାବେ କାର୍ଯ୍ୟ କରୁଛନ୍ତି। ମାସକୁ ମିଳୁଛି ୧୦୦୦ ଟଙ୍କା। ଦରମା ଟଙ୍କା ଓ ନିଜର ମାସିକ ଦିବ୍ୟାଙ୍ଗ ଭତ୍ତାରେ ସେ ପରିବାରର ଭରଣ ପୋଷଣ କରୁଛନ୍ତି। ଦିବ୍ୟାଙ୍ଗ ହୋଇ ମଧ୍ୟ ଜୀବନ ଯୁଦ୍ଧରେ ହାରିନାହାନ୍ତି ଗୁରମଣି। ସେ ଏବେ ପରିବାରର ସାହାରା ପାଲଟିଛନ୍ତି। ପରିବାରର ଦାୟିତ୍ୱ ନେବା ସହ ଆଶାବାଡ଼ି ସାହାଯ୍ୟରେ ଚାଲି ଚାଲି ନିଜ ଅଞ୍ଚଳର ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ଜନ୍ମ ହେବାର ୩ ବର୍ଷ ପରେ ଗୁରମଣିଙ୍କୁ ପରିବାର ଲୋକ ସରକାରଙ୍କ ତରଫରୁ ଦିଆଯାଉଥିବା ପୋଲିଓ ଟୀକା ଦେଇଥିଲେ। ମାତ୍ର ଏହାପରେ ତାଙ୍କ ଗୋଡ଼ ଧୀରେ ଧୀରେ ବଙ୍କା ହେବାକୁ ଲାଗିଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାସୁଦେବପୁର, ଭଦ୍ରକ ଓ ବାଲେଶ୍ୱର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ମଧ୍ୟ ଦୀର୍ଘଦିନ ଚିକିତ୍ସା ସତ୍ତ୍ୱେ କୌଣସି ସୁଫଳ ମିଳିଲାନି। ଭାଗ୍ୟକୁ ଆଦରି ଗୁରମଣିଙ୍କୁ ଘରକୁ ନେଇଆସିଥିଲେ ପରିବାର ଲୋକ। ସବୁଦିନ ପାଇଁ ଗୁରମଣିଙ୍କ ଗୋଟିଏ ଗୋଡ଼ ଅକାମୀ ହୋଇଗଲା। ଏହାପରେ ମଧ୍ୟ ଦୁର୍ଭାଗ୍ୟ ପିଛା ଛାଡ଼ି ନ ଥିଲା। ୨ବର୍ଷ ପରେ କୈଳାସଙ୍କ ଏକ ପୁଅ ଜନ୍ମ ହୋଇଥିଲା। ଝିଅକୁ ପୋଲିଓ ଇଞ୍ଜେକ୍ସନ ଦେବା ପରେ ଗୋଟିଏ ଗୋଡ଼ ଅକାମୀ ହୋଇଯିବାରୁ ଘର ଲୋକ ଭୟରେ ପୁଅକୁ ପୋଲିଓ ଇଞ୍ଜେକ୍ସନ ଦେଇ ନ ଥିଲେ। ଫଳରେ ପୁଅ ଭକ୍ତହରି ମଧ୍ୟ ପୋଲିଓ ଆକ୍ରାନ୍ତ। ମାଟ୍ରିକ ଫେଲ୍ ପରେ ଗୁରୁମଣିଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଥିଲା। ଭକ୍ତହରିଙ୍କୁ ୨୭ ବର୍ଷ ହୋଇଥିବା ବେଳେ ସେ ବିବାହିତ। ପୁଅଝିଅଙ୍କର ଏଭଳି ଦୁଃଖଦାୟକ ଅବସ୍ଥାରେ ପରିଣତ ବୟସରେ କୈଳାସ ଭାଙ୍ଗିପଡ଼ିଛନ୍ତି। ତାଙ୍କ ବୟସ ୭୨ ଟପିଲାଣି। ନିଜର ଜମିବାଡ଼ି ସେଭଳି କିଛି ନାହିଁ। ମୂଲ ମଜୁରିକୁ ଭରସା କରି ଚଳୁଥିବାବେଳେ ବୟସ ଅଧିକ ହୋଇଯିବାରୁ ସେ ଆଉ କାମକୁ ଯାଇପାରୁ ନାହାନ୍ତି। ଘରେ ସ୍ତ୍ରୀ କୁନ୍ତଳା, ଝିଅ ଗୁରମଣି, ପୁଅ ଭକ୍ତହରିଙ୍କ ସହ ବୋହୂ ଓ ନାତି ନାତୁଣୀ ୭ ପ୍ରାଣୀ କୁଟୁମ୍ବଙ୍କୁ ଚଳାଇବାରେ କଷ୍ଟ ହେଉଛି। ଏଭଳି ସ୍ଥିତି ଯୋଗୁ ବଡ଼ଝିଅ ହିସାବରେ ଗୁରୁମଣି ପରିବାର ଦାୟିତ୍ୱ ନେଇଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ଓ ତାଙ୍କ ଭାଇ ଭକ୍ତହରିଙ୍କୁ ଦିବ୍ୟାଙ୍ଗ ଭତ୍ତା ଓ ରାଶନ କାର୍ଡ଼ ମିଳିଛି। ତେବେ କୌଣସି ବ୍ୟବସାୟ କରିବା ପାଇଁ ସରକାରଙ୍କ ପକ୍ଷରୁ କିଛି ଆର୍ଥିକ ଅନୁଦାନ ମିଳିଲେ ସେ ଆଗକୁ ଯାଇ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିପାରନ୍ତେ ବୋଲି ଗୁରମଣି ଆଶା ବ୍ୟକ୍ତ କରିଛନ୍ତି।


ପରିବାର ସହ ଗୁରମଣି(ବାମରୁ ପ୍ରଥମ)।

## ସଂକ୍ଷେପରେ

### ଚିତ୍ରଶିଳ୍ପୀ ସ୍ନେହା ସମ୍ବର୍ଦ୍ଧିତ

ଭଦ୍ରକ ଅଫିସ,୧୫।୧- ଭଦ୍ରକ ଜିଲା ସଂସ୍କୃତି ଭବନରେ ରୋଟାରୀ କ୍ଲବର ବାର୍ଷିକ ଉତ୍ସବ ପାଳନ ଅବସରରେ ୨୦୧୯ର କୃତୀ ଶିଶୁ ଚିତ୍ରଶିଳ୍ପୀ ଭାବେ ସ୍ନେହା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରଗଡ଼ର ଜାତୀୟସ୍ତରୀୟ ଚିତ୍ର ପ୍ରଦର୍ଶନୀରେ ମଡର୍ଣ୍ଣ ଆର୍ଟରେ ସ୍ନେହା ତାଙ୍କର ତୂଳୀ ମୁନରେ ଜୀବନ୍ତ ରୂପ ଆଙ୍କି କୃତିତ୍ୱ ଅର୍ଜନ କରିଛନ୍ତି। ଏଥିପାଇଁ ସେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହେବା ସହ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଶାନ୍ତିସ୍ତୁପ ଧଉଳି ଭୁବନେଶ୍ୱରରୁ ପ୍ରମାଣପତ୍ର ସହ ମେଡାଲ ହାସଲ କରିଛନ୍ତି। ଏହାଛଡ଼ା ସେ ରାଜ୍ୟ ଏବଂ ଜିଲାର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଭଦ୍ରକ ଜିଲା ପାଇଁ ଗୌରବ ଆଣିଛନ୍ତି। ସ୍ନେହା ଭଦ୍ରକ ପୌରାଞ୍ଚଳ ସାମରାଇପୁର ବିଜୁ ପଟ୍ଟନାୟକ ନଗରର ଶରତ ଚନ୍ଦ୍ର ଦାସଙ୍କ ଝିଅ। ସେ ଏସ୍‌ବିଡି ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।

### ମେଧାବୃତ୍ତି ପରୀକ୍ଷା ଦେଲେ ୪୬୮ ପରୀକ୍ଷାର୍ଥୀ

ବନ୍ତ,୧୫।୧(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଓ ବନ୍ତର ୨ଟି ପରୀକ୍ଷା କେନ୍ଦ୍ରରେ ବୁଧବାର ମୋଟ ୪୬୮ ପରୀକ୍ଷାର୍ଥୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। ଟିଲୋ ସରକାରୀ ହାଇସ୍କୁଲ କେନ୍ଦ୍ରରେ ୬ଷ୍ଠ ଶ୍ରେଣୀରେ ୨୧୯ ଓ ୯ମ ଶ୍ରେଣୀରେ ୪୦ ଜଣ ପରୀକ୍ଷା ଦେଇଥିଲେ। କେନ୍ଦ୍ର ଅଧୀକ୍ଷକ ଭାବେ କୃଷ୍ଣଚନ୍ଦ୍ର ପାଢ଼ୀ ଓ ୧୫ ଜଣ ପରୀକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେହିପରି ବନ୍ତ ହାଇସ୍କୁଲ କେନ୍ଦ୍ରରେ ୬ଷ୍ଠ ଶ୍ରେଣୀରେ ୪୪ ଓ ୯ମରେ ୧୬୫ ଜଣ ପରୀକ୍ଷା ଦେଇଥିଲେ। କେନ୍ଦ୍ର ଅଧୀକ୍ଷକ ଭାବେ ପୀତବାସ ଜେନା, ଅତିରିକ୍ତ ଅଧୀକ୍ଷକ ପ୍ରତିମା ମହାନ୍ତି ଓ ୧୨ ଜଣ ପରୀକ୍ଷକ ଦାୟିତ୍ୱ ତୁଲାଇଥିଲେ। ଟିଲୋ କେନ୍ଦ୍ରରେ ମୋଟ ୨୫୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୨୫ ଜଣ ଅନୁପସ୍ଥିତ ଥିଲେ। ସେହିପରି ବନ୍ତ କେନ୍ଦ୍ରରେ ୨୩୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୨୯ ଜଣ ଅନୁପସ୍ଥିତ ଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି।

# କ୍ରୀଡ଼ା ଓ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

ଭଦ୍ରକ ଅଫିସ, ୧୫।୧

ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ା ସଂସଦର ଉପସଭାପତି ବରିଷ୍ଠ ଅଧ୍ୟାପିକା ସଞ୍ଜୁକ୍ତା ବୋଷ, ଅଧ୍ୟାପକ ଡ. ଅମର କୁମାର ଦାସ, ଅଧ୍ୟାପିକା ସୁକାନ୍ତି ମହାପାତ୍ର, ଅଧ୍ୟାପକ ମନୋଜ କୁମାର ମହାଳିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ବ୍ରଜକିଶୋର ବଳ ଅଧ୍ୟକ୍ଷତା କରିଥିଲେ। ସିମୁଳିଆ ମହାବିଦ୍ୟାଳୟର ଶାରୀରିକ ଶିକ୍ଷକ ବାଈଧର ମହାକୁଡ, ଏସ୍‌ବିଡି ସ୍କୁଲର ମନୋଜ କୁମାର ସାହୁ ଓ ମହାବିଦ୍ୟାଳୟର କ୍ରୀଡ଼ା ସହଯୋଗୀ ରମେଶ ଚନ୍ଦ୍ର ଦାସ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ଦାସ ଯୋଗଦେଇ କ୍ରୀଡ଼ା ଓ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ଓ ଛାତ୍ରୀଛାତ୍ର।

## ■ ସାଂସ୍କୃତିକ ମହୋତ୍ସବର ୭ମ ସନ୍ଧ୍ୟା

# ଭଦ୍ରକ କଳା, ସଂସ୍କୃତି ଓ ସଂଗ୍ରାମର ମାଟି

ଭଦ୍ରକ ଅଫିସ,୧୫।୧

ଭଦ୍ରକ କଳା, ସଂସ୍କୃତି ଓ ସଂଗ୍ରାମର ମାଟି। ଓଡ଼ିଶା ଇତିହାସକୁ ଭଦ୍ରକର ଅବଦାନ ଅବିସ୍ମରଣୀୟ। ସ୍ୱାଧୀନତା ସଂଗ୍ରାମ ସମୟରେ ଜିଲାର ୩୮ଜଣ ଶହୀଦଙ୍କ ବଳିଦାନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଭଦ୍ରକ ମାଟିର ପୁଅ ହରେକୃଷ୍ଣ ମହତାବଙ୍କ ଭୂମିକା, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବନ୍ଦେ ଉତ୍କଳ ଜନନୀ ପରି କାଳଜୟୀ ରଚନା, ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ମୋଗଲ ତାମସା ଭଦ୍ରକର ବୁଦ୍ଧିମନ୍ତ ସାହିତ୍ୟ, ସଂସ୍କୃତି, ସଂଗ୍ରାମ, ବଳିଦାନ ଓଡ଼ିଶା ଇତିହାସରେ ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଭଦ୍ରକ ସାଂସ୍କୃତିକ ମହୋତ୍ସବର ୭ମ ସନ୍ଧ୍ୟାରେ 'ଓଡ଼ିଶା ଇତିହାସରେ ଭଦ୍ରକ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

କମିଟିର ବରିଷ୍ଠ ଉପଦେଷ୍ଟା କବି ଅଶୋକ କୁମାର ନାୟକ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ମୁଖ୍ୟଅତିଥି ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ମୁଖ୍ୟବକ୍ତା ଅଧ୍ୟାପକ ନୀହାର ରଞ୍ଜନ କର ଏବଂ ଅନ୍ୟତମ ଅତିଥି ଭାବେ ବିବିସିସି ବ୍ୟାଙ୍କର ସଭାପତ ରଘୁନାଥ ଲେଙ୍କା, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାସ ଯୋଗଦେଇ ଭଦ୍ରକର ଇତିହାସ ଓ ସଂସ୍କୃତିର ବ୍ୟାପକତା ଉପରେ ବକ୍ତବ୍ୟ ରଖିଥିଲେ। ଜାନକୀ ପାଢ଼ୀ ବେଦପାଠ ଓ ପ୍ରଭାତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଭାପତି ରବିନାରାୟଣ ଖିଲାର, ସାଧାରଣ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, ମିଡିଆ ସେଲ୍ ଅଧ୍ୟକ୍ଷ ଅବିନାଶ ପଣ୍ଡା, ସାଂସ୍କୃତିକ ସମ୍ପାଦକ ବି. ପୀତାମ୍ବର ରେଡ୍ଡି, ସହସମ୍ପାଦିକା ରଶ୍ମିତା ସେଠୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜଟଣୀ ଉତ୍କଳ ସ୍ପୋର୍ଟିଂ ବିଜୟୀ

ବାସୁଦେବପୁର, ୧୫।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଟାଉନ କ୍ଲବ ଆନୁକୂଲ୍ୟରେ ଏବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ୧-୦ ଗୋଲରେ ଉଲବେରିଆ କ୍ଲବକୁ ହରାଇ ଜଟଣୀ ଉତ୍କଳ ସ୍ପୋର୍ଟିଂ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ବିଡିଓ ପ୍ରଣବ କୁମାର ବେହେରା ଓ ଅନ୍ୟତମ ଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନା ଯୋଗ ଦେଇଥିଲେ। ଟାଉନ କ୍ଲବ ସଭାପତି ଗଗନ ବିହାରୀ ମହାନ୍ତି ଓ ସମ୍ପାଦକ ଖଗେଶ୍ୱର ଜେନା ଉପସ୍ଥିତ ଥିଲେ।

# ବାରାପୁର ମକର ମହୋତ୍ସବ ଉଦ୍‌ଘାଟିତ

ବାସୁଦେବପୁର,୧୫।୧(ଡି.ଏନ.ଏ.)

ବାସୁଦେବପୁର ବାରାପୁର ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ବାରାପୁର ମକର ମହୋତ୍ସବ-୨୦୨୦ ଉଦ୍‌ଘାଟିତ ହୋଇଛି। ମହାବୀର କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ମହୋତ୍ସବ ଗୋଟିଏ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମତ ରଖି ଏହା ଭାଇଚାରାର ବାତାବରଣ ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିଶିର କୁମାର କର ମହୋତ୍ସବ ମାଧ୍ୟମରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ବଢ଼ିବା ସହିତ ଆଗାମୀ ପିଢ଼ି ପାଇଁ ନୂତନ ବାର୍ତ୍ତା ଦିଏ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାତ ବିଶ୍ୱାଳ, ଯୁବନେତା ତଥା ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଗୌତମ ସେଠୀ, ଶଶିକାନ୍ତ ରାଉତ, ସରପଞ୍ଚ ଯଦୁନାଥ ନାୟକ ଓ ଦାମୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ମୁକ୍ତିକାନ୍ତ ଅଗସ୍ତୀ ସଭାରେ ପୌରୋହିତ୍ୟ କରିଥିଲେ। ଶିକ୍ଷକ ଅମିୟ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଝୋଟି, ଶଙ୍ଖଫୁଙ୍କା, ମୁରୁଜପକା ଓ ଲକ୍ଷ୍ମୀପୁରାଣ ପାଠ ଭଳି କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ସାଧାରଣ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସଙ୍କଟ ତାରିଣୀଙ୍କୁ ପୂଜାର୍ଚ୍ଚନା

ବନ୍ତ,୧୫।୧(ସ୍ୱ.ପ୍ର.)

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ବୁଧବାର ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ସାଙ୍ଗକୁ ଘଣ୍ଟ ବଜା, ହରିବୋଲ ଓ ହୁଳହୁଳି ଧ୍ୱନିରେ କମ୍ପି ଉଠିଥିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ କୁଆଁର୍ଦାସ୍ଥିତ ଧୁନିବାଡ଼ି ମା' ସଙ୍କଟ ତାରିଣୀ ପୀଠ। ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ସନ୍ଧ୍ୟାରେ ଭକ୍ତମାନଙ୍କ ଦ୍ୱାରା ପଣା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ପ୍ରତ୍ୟକ୍ଷ ଠାକୁରାଣୀ ମା'ସଙ୍କଟ ତାରିଣୀ ଲୋକଙ୍କୁ ସବୁ ବିପଦରୁ ରକ୍ଷା କରିଥାନ୍ତି ବୋଲି ଅଞ୍ଚଳବାସୀଙ୍କର ବିଶ୍ୱାସ ରହିଛି। ଏହି ଗ୍ରାମର ଦକ୍ଷିଣରେ ଥିବା ସଙ୍କଟ ତାରିଣୀ ପୀଠ ଧୁନିବାଡ଼ିଠାରେ ଆବହମାନ କାଳରୁ ପବିତ୍ର ମକର ସଂକ୍ରାନ୍ତିରେ ମେଳା ଅନୁଷ୍ଠିତ ହୋଇଆସୁଛି। ଆଖପାଖ ୧୦ ଖଣ୍ଡ ଗାଁ ଏହି ମେଳା ପାଇଁ ଚଳଚଞ୍ଚଳ ହୋଇଉଠିଛି। ମେଳା ପଡ଼ିଆରେ ବିଭିନ୍ନ ଦୋକାନ ବଜାର ଲାଗିଥିବାରୁ ପ୍ରଥମ ଦିନରେ ହିଁ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିଲା। ୩ ଦିନ ଧରି ମେଳା ଅନୁଷ୍ଠିତ ହେବା ସାଙ୍ଗକୁ ପ୍ରତ୍ୟହ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି।

ଜନଶ୍ରୁତି ଅନୁସାରେ ଗାଁର ଦକ୍ଷିଣ ପଶ୍ଚିମ ଦିଗରେ ପୂର୍ବରୁ ଥିବା ଘଞ୍ଚଜଙ୍ଗଲ ମଧ୍ୟରେ ରହୁଥିବା ଏକ ରାକ୍ଷସ ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲା। ବନଦେବୀ ଜ୍ୟୋତି ରୂପରେ ଆବିର୍ଭାବ ହୋଇ ଗ୍ରାମବାସୀଙ୍କୁ ବିପଦରୁ ରକ୍ଷା କରିଥିଲେ। ସେହି ଜ୍ୟୋତିକୁ ଧୁନି ଠାକୁରାଣୀ ନାମରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ପ୍ରତ୍ୟକ୍ଷ ଠାକୁରାଣୀ ପାଖରେ ଯିଏ ଯାହା ମାନସିକ କରିଥାଏ ତାହା ତୁରନ୍ତ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି।


ଧୁନିବାଡ଼ି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ମାଟିଘୋଡ଼ା ଦାନ କଲେ, ବୁଡ଼ ପକାଇଲେ

## ଦପାନାୟକାଣୀ ପୀଠ ଉତ୍ସବମୁଖର

ତିହିଡ଼ି,୧୫।୧(ଡି.ଏନ.ଏ.)

ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ସ୍ଥିତ ମା' ଦପାନାୟକାଣୀ ପୀଠ ମକର ମେଳା ପାଇଁ ଉତ୍ସବମୁଖର ହୋଇଛି। ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଏହି ପୀଠକୁ ଆସି ମା'ଙ୍କୁ ଦର୍ଶନ କରିଛନ୍ତି। ସଂକ୍ରାନ୍ତି ଅବସରରେ ବୁଧବାର ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିସହ ସହସ୍ରାଧିକ ଶ୍ରଦ୍ଧାଳୁ ମା'ଙ୍କ ନିକଟରେ ମାଟିଘୋଡ଼ା ଓ ଦୀପ ଦାନ କରିଥିଲେ। ମନ୍ଦିର ପାର୍ଶ୍ୱରେ ପ୍ରବାହିତ ଗେଙ୍ଗୁଟି, ରେବ ଓ ସାଳନ୍ଦୀ ନଦୀର ମିଳନସ୍ଥଳକୁ ତ୍ରିବେଣୀ ସଙ୍ଗମ କୁହାଯାଇଥାଏ। ଏଠାରେ ଶ୍ରଦ୍ଧାଳୁମାନେ ସକାଳେ ବୁଡ଼ ପକାଇଥିଲେ। ଏହାଛଡ଼ା କେତେକ ଭକ୍ତ ମାନସିକ ରଖିଥିବା କୁକୁଡ଼ା ମଧ୍ୟ ମା'ଙ୍କୁ ଅର୍ପଣ କରିଥିଲେ। ବିନା ଚୁଲିରେ ପ୍ରସାଦ ପ୍ରସ୍ତୁତିର ପରମ୍ପରା ଏଠାରେ ରହିଛି। କେତେକ ଭକ୍ତ ମଧ୍ୟ ପ୍ରସାଦ ପ୍ରସ୍ତୁତ କରି ମା'ଙ୍କୁ ଅର୍ପଣ କରିଥିଲେ। ଏହି ମେଳା ୭ ଦିନ ଧରି ଚାଲିବ। ଦପାନାୟକାଣୀ କମିଟିର କର୍ମକର୍ତ୍ତାମାନେ ପରିଚାଳନା କରୁଛନ୍ତି।


ମା'ଙ୍କ ନିକଟରେ ଶ୍ରଦ୍ଧାଳୁମାନେ ମାଟିଘୋଡ଼ା ଓ ଦୀପ ଦାନ କରୁଛନ୍ତି।

# ଚେକାସାନ୍ତାଣୀ ପୀଠରେ ମକର

ଭଣ୍ଡାରିପୋଖରୀ,୧୫।୧(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ମା' ଚେକାସାନ୍ତାଣୀଙ୍କ ପୀଠରେ ମକର ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଆଧ୍ୟାତ୍ମିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ମଣ୍ଡିତ ଏହି ପୀଠରେ ପ୍ରତିବର୍ଷ ମୁଖ୍ୟପର୍ବ ଭାବେ ମକର ପର୍ବ ପାଳିତ ହୋଇଆସୁଛି। ମକର ସଂକ୍ରାନ୍ତିରେ ମା'ଙ୍କୁ ପୂଜାର୍ଚ୍ଚନା କଲେ ମାନସିକ ପୂରଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ସେଥିଲାଗି ବିଭିନ୍ନ କୋଣାନୁକୋଣରୁ ଭକ୍ତ ଆସି ମା'ଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ମାନସିକ ପୂରଣ ପରେ ଭକ୍ତମାନେ ଖେଚୁଡ଼ି, ଖିରୀ ଭୋଗ ଲଗାଇଥାନ୍ତି। ଗୋଟିଏ ସରଳରେଖାରେ ଚୁଲି ଖୋଳାଯାଇ ୩୦ରୁ ଊର୍ଦ୍ଧ୍ୱ ହାଣ୍ଡି ଖେଚୁଡ଼ି ହୋଇଥାଏ। ଗୋଟିଏ ମୁହଁରେ ଜାଳନିଆଁ ଦିଆଗଲେ ସବୁ ହାଣ୍ଡି ଖେଚୁଡ଼ି ହୋଇଥାଏ। ଏହାଛଡ଼ା ପୀଠର ଅନେକ ଜନଶ୍ରୁତି ଓ କିମ୍ବଦନ୍ତୀ ରହିଛି। ଏହି ପୀଠର ମନ୍ଦିର ନାହିଁ କି ପାଚେରି ନାହିଁ। ଖୋଲା ମେଲାରେ ପୂଜା ପାଉଛନ୍ତି ମା'। ଏକ ବେଲଗଛ ମୂଳେ ପୂଜା ପାଉଥିବା ମା'ଙ୍କ ପଥର ମୂର୍ତ୍ତି ଚେକାପଥର ଆକୃତିର। ସେଥିରେ ଅଙ୍କିତ ହାତୀ ଓ ଘୋଡ଼ାର ଦୃଶ୍ୟ ରହିଛି। ଏକ ବର୍ଗାକାର କ୍ଷେତ୍ର ମଧ୍ୟରେ ଦୁଇଟି ମୂର୍ତ୍ତି ପୂଜା ପାଉଛନ୍ତି। ଏକ ଲୁହା ଚିମୁଟାକୁ ସେଠାରେ ରଖି ପୂଜା କରାଯାଇଆସୁଛି। ପୀଠଠାରୁ ଅନତି ଦୂରରେ ବସବାସ କରୁଥିବା ଶ୍ୟାମସୁନ୍ଦର ପଣ୍ଡା ନାମକ ଜଣେ ସାଧୁ ଏହି ଚିମୁଟା ବଳରେ ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରୁଥିଲେ ବୋଲି କୁହାଯାଏ। ସ୍ଥାନୀୟ ବାହାଦଲପୁର ଓ ବଣସାହି ମଧ୍ୟସ୍ଥଳରେ ମା'ଙ୍କ ପୀଠ ରହିଥିବାରୁ ଦୁଇ ଗ୍ରାମର ଲୋକଙ୍କ ସହଯୋଗରେ ପୂଜାର୍ଚ୍ଚନା ପରିଚାଳନା ହୋଇଆସୁଛି।

ସେହିପରି ବ୍ଲକର ବିଭିନ୍ନ ସ୍ଥାନରେ ମକରମେଳା ଆରମ୍ଭ ହୋଇଛି। ବୁଧବାର ସକାଳୁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜାତୀୟ ରାଜପଥ ପାର୍ଶ୍ୱ ବାରିକପୁରଠାରେ ଥିବା ମା' କାଳିନ୍ଦ୍ରା ପୀଠ ଓ ବିଶୋଳ ବାସୁଳାଇ ପୀଠରେ ୫ଦିନ ବ୍ୟାପୀ ମକର ମେଳା ଆରମ୍ଭ ହୋଇଛି। ସାନଶାସନ ପଞ୍ଚାୟତ ବାହାଦୁଲନଗରଠାରେ ଥିବା ଅଁଳାଶୁଣୀ ପୀଠରେ ସପ୍ତାହବ୍ୟାପୀ ମକରମେଳା ପାଳିତ ହେବ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୀଠଗୁଡ଼ିକରେ ସ୍ଥାନୀୟ ପୂଜା କମିଟି ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମକର ପାଇଁ ବିଭିନ୍ନ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା ଶୋ ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି।


ମା'ଙ୍କୁ ଭୋଗ ଲାଗି କରୁଛନ୍ତି ଶ୍ରଦ୍ଧାଳୁ।

# ବଉଳାଶୁଣୀରେ ମକରମେଳା ଆରମ୍ଭ

ବନ୍ତ,୧୫।୧(ଡି.ଏନ.ଏ.)

ବନ୍ତ ବ୍ଲକ ତଥା ବନ୍ତ-ବାରିକପୁର ରାସ୍ତାର ନିଳୋକସ୍ଥିତ ବଉଳାଶୁଣୀ ପୀଠରେ ବୁଧବାରଠାରୁ ମକର ମେଳା ଆରମ୍ଭ ହୋଇଛି। ସଂକ୍ରାନ୍ତି ଉପଲକ୍ଷେ ଶତାଧିକ ଶ୍ରଦ୍ଧାଳୁ ନିଜର ମାନସିକ ପୂରଣ ପାଇଁ ପୀଠରେ ଘୋଡ଼ା ବସାଇବା ସହିତ ପୂଜାର୍ଚ୍ଚନା କରିଥିଲେ। ବିଶେଷ କରି ନିଳୋକ, ପଧାନପଡ଼ା ଓ ଷେଣ୍ଢତୀରା ଆଦି ପଞ୍ଚାୟତରୁ ଶ୍ରଦ୍ଧାଳୁମାନେ ପୀଠକୁ ଆସିଥିଲେ। ଏଠାରେ ୩ ଦିନ ଧରି ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବା ସହ ୧୫ ଦିନ ପର୍ଯ୍ୟନ୍ତ ମେଳା ହେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ଭଳି ସୁଦୃଶ୍ୟ ତୋରଣ ଓ ଆଲୋକମାଳାରେ ପୂଜା ମଣ୍ଡପକୁ ସଜ୍ଜିତ କରାଯାଇଛି। ସଭାପତି ସୂର୍ଯ୍ୟନାରାୟଣ ପଣ୍ଡା ଓ ସମ୍ପାଦକ କିଶୋର କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପୂଜା କାର୍ଯ୍ୟ ଚାଲିଛି।

# ସ୍ୱଚ୍ଛ ଭାରତ ଅଭିଯାନ ସଫେଇ କାର୍ଯ୍ୟକ୍ରମ

ବାହାନଗା,୧୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ସ୍ୱଚ୍ଛ ଭାରତ ଅଭିଯାନର କର୍ମକର୍ତ୍ତା ଯାଜପୁର ଜିଲା ଚଣ୍ଡିଖୋଲ ନିକଟସ୍ଥ ମହାବିନାୟକ ପୀଠକୁ ସଫେଇ କରିଛନ୍ତି। ସଙ୍ଗଠନର କର୍ମକର୍ତ୍ତାମାନେ ମହାବିନାୟକ ପୀଠ ପରିସର, ପିକ୍‌ନିକ୍ ସ୍ଥଳୀ ଓ ରାସ୍ତା ଆଦି ସଫା କରିଥିଲେ। ପୀଠରେ ସଫେଇ ସମୟରେ ସେଠାରେ ଧଳାମୟ ଦିଶୁଥିବା ବ୍ୟବହୃତ ପ୍ଲାଷ୍ଟିକକୁ ଗୋଟାଇ ପୋଡ଼ି ନଷ୍ଟ କରିବା ସହ ଉପସ୍ଥିତ ଯାତ୍ରୀ ଓ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଆବାହକ ସୁଦର୍ଶନ ମହାପାତ୍ର, ସଭାପତି କମଳାକାନ୍ତ ଦାସ, ଅଭିରାମ ସାହୁ, ବିଶ୍ୱମ୍ଭର ଦାଶ, ବରେନ୍ଦ୍ର ସେଠୀ, ମହେଶ୍ୱର ସେନାପତି, ସଂଯୁକ୍ତା ଦାଶ, ସାବିତ୍ରୀ ସେଠୀ, ତୁଳସୀ ମଣ୍ଡଳ, ସତ୍ୟମଞ୍ଜରୀ ଦାଶ, ବାସନ୍ତୀ ମହାରଣା ଓ ଲୋଚନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠନର ଏଭଳି କାର୍ଯ୍ୟ ପାଇଁ ମନ୍ଦିର ସେବାୟତ ଓ ସେଠାକାର ଜନସାଧାରଣ ପ୍ରଶଂସା କରିଥିଲେ। ନିରନ୍ତର ୨୭୫ ଦିନ ଧରି ନିସ୍ୱାର୍ଥ ଭାବେ ସଫେଇ କରୁଥିବାରୁ ନୀଳଗିରିରେ ଗତ ୬ ତାରିଖରେ ବିଜୟା ବନ୍ଧୁମିଳନ ସମାରୋହରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ।


ସଙ୍ଗଠନର କର୍ମକର୍ତ୍ତାମାନେ ମହାବିନାୟକ ପୀଠ ପରିସରରୁ ଅଳିଆ ସଫା କରୁଛନ୍ତି।

# ଉତ୍ସର୍ଗୀକୃତ ଜୀବନରେ ଭରି ରହିଛି ସଫଳତା

ରୂପସା, ୧୫।୧(ଡି.ଏନ.ଏ.)

ଜୀବନ ଅଛି। ସଫଳତା ବି ଅଛି। ମାତ୍ର ସଫଳ ଜୀବନ ନାହିଁ। ବାସ୍ତବରେ ଉତ୍ସର୍ଗୀକୃତ ଜୀବନରେ ହିଁ ସଫଳତା ଭରି ରହିଛି ବୋଲି ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ର ସଂସଦ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଶ୍ରୀମା' ମହାବିଦ୍ୟାଳୟର ପ୍ରାଧ୍ୟାପକ ଶ୍ରୀକାନ୍ତ ରାଉତ ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ଜୟନ୍ତ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ସୀତାଂଶୁ ଶେଖର ସାମଲ ଯୋଗଦେଇଥିଲେ। ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ମନ୍ତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପକ ଡ. ତପନ ବେହେରା ଧନ୍ୟବାଦ ଦେଇଥିଲେ। ମେଲୋଡ଼ି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପକ ଲକ୍ଷୀରାମ ହାଁସଦା, ପ୍ରାଧ୍ୟାପକ ସୁଧୀର ଦତ୍ତ, ଡ. ତପନ ଦାସ, କାଳୀଚରଣ ଲେଙ୍କା, ନୀଳିମା ପାତ୍ର, ଡ. ଆରୁଣୀ ମିଶ୍ର, ପିନାକୀ ପଣ୍ଡା ଓ ବାସନ୍ତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀମାନେ ସ୍ୱାଗତସଙ୍ଗୀତ ଗାନ କରୁଛନ୍ତି।

# ଆଖଣ୍ଡଳମଣିଙ୍କୁ ମକର ପୋଡ଼ପିଠା

**ଆରଡ଼ି, ୧୫।୧ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣି ମନ୍ଦିରରେ ମକର ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ପୀଠ ଉତ୍ସବମୁଖର ହୋଇଥିଲା। ଭୋର ୪ଟାଠାରୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସାଢ଼େ ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ବାବାଙ୍କ ପାଖରେ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ଘର୍ଷଣ ଓ ବାଲ୍ୟଭୋଗ ବାବାଙ୍କୁ ଅର୍ପଣ କରାଯାଇଥିଲା। ପରେ ସେବାୟତମାନେ ଜଣଙ୍କ ପରେ ଜଣେ ନିଜ ଘରେ ପ୍ରସ୍ତୁତ ମକର ପୋଡ଼ପିଠା ଓ ଚାଉଳ ନୈବେଦ୍ୟ ଆକାରରେ ବାବାଙ୍କୁ ସମର୍ପଣ କରିଥିଲେ। ଆରଡ଼ି ଅଞ୍ଚଳରେ ଅଧିକାଂଶ ପରିବାର କୃଷି ଉପରେ ନିର୍ଭରଶୀଳ। ସେମାନେ ନିଜ ଧାନ ଶସ୍ୟରେ ଚାଉଳ ଚୂନା କରି ଛେନା, ନଡ଼ିଆ, ଜୁଆଣି ଓ ବାଦାମରେ ପ୍ରସ୍ତୁତ ପୋଡ଼ପିଠା ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରିବାର ପରମ୍ପରା ରହିଛି। ପୀଠର ସମସ୍ତ ସେବାୟତ ପରିବାର ବାବାଙ୍କୁ ପୋଡ଼ପିଠା ଭୋଗ ଅର୍ପଣ କରିଥିଲେ। ସେହି ଭୋଗକୁ ପୀଠରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିଲା। ବାବାଙ୍କୁ ସମର୍ପିତ ପୋଡ଼ପିଠା ଭୋଗ ଖାଇଲେ ବହୁ ମାରାତ୍ମକ ରୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୀଠରେ ଦିନତମାମ ଭିଡ଼ ପରିଲକ୍ଷିତ ହୋଇଥିଲା। ବାବାଙ୍କୁ ଦର୍ଶନ କରିବା ଲାଗି ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା।

ଭିଡ଼କୁ ଦୃଷ୍ଟିରେ ରଖି ଆରଡ଼ି ଫାଣ୍ଡି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ବାବା ଆଖଣ୍ଡଳମଣିଙ୍କୁ ପଲିଥିନରେ ଯେପରି ଭୋଗ ସମର୍ପଣ କରା ନ ଯାଏ ସେଥିପ୍ରତି ଫାଣ୍ଡି ଅଧିକାରୀ ସତର୍କ ଦୃଷ୍ଟି ଦେବା ସହ ସେବାୟତଙ୍କ ଭୋଗ ପସରା ଯାଞ୍ଚ କରିଥିଲେ। ପୀଠ ଓ ମନ୍ଦିର ବେଢ଼ାରେ ବ୍ୟବସାୟୀମାନେ ଯେପରି ପାଲ ନ ଟାଣନ୍ତି ସେଥିପ୍ରତି ଉପଜିଲାପାଳ ପୀତାମ୍ବର ସାମଲ ମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ ଓ ସେବାୟତମାନଙ୍କୁ ନଜର ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହାକୁ ବିଚାରକୁ ନେଇ ଆରଡ଼ି ଫାଣ୍ଡି ପୋଲିସ ଏସବୁ ସ୍ଥାନରୁ ବୁଧବାର ପାଲ ଖୋଲି ଦେଇଥିଲା।


ଆଖଣ୍ଡଳମଣି ମନ୍ଦିରରେ ସେବାୟତମାନେ ଭୋଗଲାଗି କରୁଛନ୍ତି ।

# ୪ ପୁଅ ଥାଇ ବି ବେସାହାରା

**ବାଲେଶ୍ୱର ଅଫିସ, ୧୫।୧:** ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ରୁଡ଼ିଙ୍ଗିଆ ଗ୍ରାମର ହରେକୃଷ୍ଣ ନାୟକ(୮୭)। ୪ ପୁଅ ଥିବା ସତ୍ତ୍ୱେ ଭରଣପୋଷଣ ପାଇବା ତ ଦୂରର କଥା ପୈତୃକ ସମ୍ପତ୍ତି ବିକ୍ରି କରିବା ଆଶାରେ ବରିଷ୍ଠ ନାଗରିକ ତଥା ପିତାଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲିବାକୁ ପଛାଉ ନାହାନ୍ତି। ପୁଅମାନେ ଥାଇ ବି ସେ ଏବେ ବେସାହାରା ହୋଇଯାଇଛନ୍ତି। ଏ ନେଇ ବୃଦ୍ଧ ପିତା ହରେକୃଷ୍ଣ ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହରେକୃଷ୍ଣଙ୍କ ଅଭିଯୋଗ କରିଛନ୍ତି ଯେ, ପ୍ରଥମ ପୁଅ ସରକାରୀ ଚାକିରିରୁ ଅବସର ନେଇ କଟକ ସହରରେ ପରିବାର ସହ ରହୁଛନ୍ତି। ଦ୍ୱିତୀୟ ପୁଅ ଗାଁରେ ରହି ଜମିରେ ଚାଷ କରି ପରିବାର ଚଳାଇବା ସହ ତାଙ୍କ ଦେଖାଶୁଣା କରୁଥିଲେ। ତୃତୀୟ ପୁଅ ସୋର ଅଦାଲତରେ ଚାକିରି କରି ପରିବାର ସହ ରହୁଛନ୍ତି। ଚତୁର୍ଥ ପୁଅ ଭଦ୍ରକରେ ପରିବାର ସହ ରହିଆସୁଛନ୍ତି। କିଛିଦିନ ପୂର୍ବରୁ ପ୍ରଥମ ଓ ତୃତୀୟ ପୁଅ ଜମିବାଡ଼ି ଭାଗ କରିବା ପାଇଁ ତାଙ୍କୁ ଚାପ ପକାଇ ମାନସିକ ଯନ୍ତ୍ରଣା ଦେବା ସହ ବିଭିନ୍ନ ପ୍ରକାର ଗଣ୍ଡଗୋଳ ସୃଷ୍ଟି କରିଥିଲେ। ଅନ୍ୟପକ୍ଷେ ଦ୍ୱିତୀୟ ପୁତ୍ର ସହ ବାରମ୍ବାର ଝଗଡ଼ା କରି ବିଭିନ୍ନ ମାମଲାରେ ଅନ୍ତର୍ଭୁକ୍ତ କରିଥିବାରୁ ଉକ୍ତ ଜମିରେ ଚାଷ କରାଯାଇପାରୁ ନାହିଁ। ଫଳରେ ଦ୍ୱିତୀୟ ପୁଅର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ତାଙ୍କୁ ପୋଷିବା ପାଇଁ ସକ୍ଷମ ନ ଥିବା କହିଥିଲେ। ଏହାପରେ ସେ ଗତ ନଭେମ୍ବର ୧୦ରେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲାପାଳ ଏହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଲିଖିତ ଭାବେ ଖଇରା ତହସିଲଦାର ପ୍ରଦୀପ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାମଧ୍ୟରେ କୌଣସି ସମାଧାନ ନ ହେବାରୁ ସେ ପୁନର୍ବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ହରେକୃଷ୍ଣ କହିଛନ୍ତି।


ହରେକୃଷ୍ଣ ନାୟକ

**ଭରଣପୋଷଣ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ**

# ଗଛରେ ପିଟିହୋଇ ଯୁବକଙ୍କ ମୃତ୍ୟୁ

**ବଡ଼ସାହି,୧୫।୧(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଦେଉଳିଆ ରାସ୍ତାର ଭାଲୁବସାଠାରେ ଶାଳଗଛରେ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ ମାଟିଆଳି ଗ୍ରାମର ସୁରେନ୍ଦ୍ର ସିଂ(୨୨) । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍ ମେଡିକାଲକୁ ପଠାଇଛି । ମୃତ ସୁରେନ୍ଦ୍ର ବାଉଁଶ କଣ୍ଟିଆ ଗ୍ରାମସ୍ଥିତ ମାମୁଁ ଘରକୁ ଆସି ବାଇକରେ ଫେରୁଥିଲା ବେଳେ ଭାଲୁବସାଠାରେ ଥିବା ବାଙ୍କ ରାସ୍ତାରେ ଭାରସାମ୍ୟ ହରାଇ ଏକ ଶାଳଗଛରେ ପିଟି ହୋଇ ଯାଇଥିଲେ।




# ୫୧ ଗ୍ରାମ ବ୍ରାଉନସୁଗାର ଜବତ

## ଜଣେ ଗିରଫ

**ବସ୍ତା, ୧୫।୧ (ଡି.ଏନ.ଏ.):** ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ କାଦରାୟାଁ -ପାଉଁଶକୁଲି ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବାଇକ ଆରୋହୀଠାରୁ ୫୧ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହିତ ନଗଦ ଟଙ୍କା ଜବତ କରିଥିବା ବସ୍ତା ଥାନା ଏସ୍‌ଡିପିଓ ଜଳଧର ଜାଲି ଓ ସିଂଲା ଥାନା ଆଇଆଇସି ପ୍ରଶାନ୍ତ କୁମାର ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନରେ ଥାନା ଏସଆଇ ଏନ୍.ଏନ୍. ସୁତାରଙ୍କ ସହ ଥାନାର ଅନ୍ୟ ପୋଲିସ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ବ୍ରାଉନ ସୁଗାର ଚାଲାଣ ହେଉଥିବା ଖବରପାଇ ସେକ ତାହିର(୩୭) ନାମକ ଜଣେ ବ୍ୟକ୍ତି ବାଇକରେ ଜଳେଶ୍ୱର ଅଭିମୁଖେ ଆସୁଥିବା ବେଳେ ତାଙ୍କୁ ଅଟକ ରଖି ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ତାଙ୍କ ନିକଟରୁ ୫୧ଗ୍ରାମ ବ୍ରାଉନ ସୁଗାର ବାହାରିବା ସହିତ ନଗଦ ୨ଲକ୍ଷ ୪୫ହଜାର ଟଙ୍କା ବାହାରିଥିଲା। ଏ ନେଇ ପୋଲିସ ଅଧିକ ଖୋଳତାଡ କରିବାରୁ ସେ ବ୍ରାଉନ ସୁଗାର ବ୍ୟବସାୟ ପାଇଁ ଜଳେଶ୍ୱର ଯାଉଥିବା ସ୍ୱୀକାର କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କ ବାଇକ ଓ ଦୁଇଟି ମୋବାଇଲକୁ ଜବତ କରିଛି। ବୁଧବାର ଏନେଇ ପୋଲିସ ଏକ ମାମଲା (ନଂ.୯/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି । ତେବେ ଜବତ ହୋଇଥିବା ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୫ଲକ୍ଷ ୧୦ ହଜାର ହେବ ବୋଲି ବିଭାଗୀୟ ସୂତ୍ରରୁ କୁହାଯାଇଛି। ଅଭିଯୁକ୍ତ ଜଣଙ୍କ ଦୀର୍ଘ ୧ ବର୍ଷ ଧରି ଏହି ମାରାତ୍ମକ ନିଶା ବ୍ରାଉନସୁଗାର ବ୍ୟବସାୟ କରିଆସୁଥିଲା। ତେବେ ଏହି ବ୍ୟବସାୟରେ ସଂପୃକ୍ତ ର୍‍ୟାକେଟକୁ ଧରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।


ପୋଲିସ ଅଧିକାରୀଙ୍କ ସହ ଗିରଫ ସେକ୍ ତାହିର।

# ହାତୀ ପାଇଁ ବିଦ୍ୟୁତ୍‌କାଟ୍ ପ୍ରତିବାଦରେ ରାସ୍ତାରୋକୋ

**ବଡ଼ସାହି,୧୫।୧(ସ୍ୱ.ପ୍ର)**

ବଡ଼ସାହି-ସୁହାଗପୁର ଜଙ୍ଗଲରେ କିଛି ଦିନ ହେଲା ଏକ ଦନ୍ତା ହାତୀ ବୁଲୁଥିବାରୁ ସେହି ଅଞ୍ଚଳରେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ନିୟମିତ ବିଦ୍ୟୁତକାଟ୍ କରାଯାଉଛି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ବୁଧବାର ରାସ୍ତାରୋକ କରିଥିଲେ। ସନ୍ଧ୍ୟା ସମୟରେ ମହିଳାପୁରୁଷମାନେ ବଡ଼ସାହି-ଉଦଳା ରାସ୍ତାର ଗୁହାଳଡିହୀଠାରେ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଏକ ଘଣ୍ଟା ଧରି ଯାନବାହାନ ଚଳପ୍ରଚଳ ଠପ୍ ହୋଇଯାଇଥିଲା। ବନବିଭାଗର କର୍ମଚାରୀମାନେ ହାତୀ ଘଉଡାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜି ଥିବା ଜଣା ପଡ଼ିଛି।

ଡୁକୁରା ରେଞ୍ଜ କାର୍ଯ୍ୟାଳୟ ଅଧୀନ ସୁହାଗପୁର ସଂରକ୍ଷିତ ଜଙ୍ଗଲରେ ଏହି ଦନ୍ତା ହାତୀଟି ରହି ଉପଦ୍ରବ ଚଳାଉଛି । ଦିନ ବେଳେ ଘଞ୍ଚ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ନିକଟବର୍ତ୍ତୀ ଗୁହାଳଡିହୀ, ଗଉଡମୁଣ୍ଡଳୀ, ସୁହାଗପୁର, କଉଡିଖେଣି, ମାରକୁଣ୍ଡି, ଚାନ୍ଦଡିହା, ଛେଳିଆ(କ) ଆଦି ଗ୍ରାମମାନଙ୍କରେ ଆସି ଉପଦ୍ରବ କରୁଛି । ସନ୍ଧ୍ୟା ଠାରୁ ସକାଳ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ ସରବରାହକୁ ବିଚ୍ଛିନ୍ନ କରୁଛନ୍ତି । ମକର ପର୍ବରେ ଗାଁ ଗଣ୍ଡା ଅନ୍ଧକାରରେ ରହୁଥିବାରୁ ଉପଭୋକ୍ତାମାନେ ନାନା ପ୍ରକାର ହଇରାଣ ହରକତ ହେଉଛନ୍ତି ବୋଲି ଗ୍ରାମର ମନୋରଞ୍ଜନ ବେହେରା, ରବୀନ୍ଦ୍ର କୁମାର ହେମ୍ବ୍ରମ ଓ ସନତ କୁମାର ବେହେରା ପ୍ରକାଶ କରିଛନ୍ତି । ସନ୍ଧ୍ୟାରୁ ସକାଳ ୧୨ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଅଭାବରେ ନିର୍ଭରଶୀଳ ମାଟ୍ରିକ ଛାତ୍ରୀଛାତ୍ରମାନେ ପାଠପଢାରୁ ବଞ୍ଚିତ ହେଉଛନ୍ତି। ଫଳରେ ଅସନ୍ତୁଷ୍ଟ ଗ୍ରାମବାସୀ ବନ ବିଭାଗର ନିଷ୍କ୍ରିୟତାକୁ ଦାୟୀ କରୁଛନ୍ତି। ଜଙ୍ଗଲରେ ହାତୀଟି ରହୁଥିବାରୁ ଉକ୍ତ ରାସ୍ତା ଦେଇ ଚଳପ୍ରଚଳ କରୁଥିବା ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଡୁକୁରା ରେଞ୍ଜର ଘଟଣାସ୍ଥଳକୁ ଆସି ସମସ୍ୟାର ସମାଧାନ ନ କରିବା ପର୍ଯ୍ୟନ୍ତ ରାସ୍ତାରୁ ଉଠିବୁ ନାହିଁ ବୋଲି ଅଞ୍ଚଳବାସୀ ଅଡି ବସିଥିଲେ। ଖବରପାଇ ବଡ଼ସାହି ପୋଲିସ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଖୁବଶୀଘ୍ର ହାତୀ ଘଉଡାଇବା ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।


ବିଦ୍ୟୁତ୍ କାଟ୍ ପ୍ରତିବାଦରେ ହୋଇଥିବା ରାସ୍ତାରୋକୋ ।




# ଏଏନ୍‌ଏମ୍ ସେଣ୍ଟର ପାଲଟିଛି ଧାନ ଗୋଦାମ

**ତିହିଡ଼ି,୧୫।୧(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ପଞ୍ଚାୟତରେ ଥିବା ଏଏନ୍‌ଏମ୍ ସେଣ୍ଟର ଧାନଗୋଦାମ ପାଲଟିଛି। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ବୁଧବାର ଏ ସମ୍ପର୍କରେ ଜିଲାପାଳଙ୍କ ନିକଟକୁ ଅଭିଯୋଗ ପଠାଇବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ତିହିଡ଼ି ମେଡ଼ିକାଲ ଅଫିସରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି ଜଣାଇଛନ୍ତି। ପଞ୍ଚାୟତରେ ନବନିର୍ମିତ ଏଏନ୍‌ଏମ୍ ସେଣ୍ଟର ମହିଳା, ଶିଶୁ ଓ ଗର୍ଭବତୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାକୁ ଉଦ୍ଦିଷ୍ଟ। କେତେଜଣ ବ୍ୟକ୍ତି ଏହାକୁ ଜବରଦଖଲ କରି ଧାନ ଗୋଦାମ କରି ନିଜର ବ୍ୟକ୍ତିଗତ ଫାଇଦା ଉଠାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଫଳରେ ଲୋକେ ଏଠାକୁ ଚିକିତ୍ସା ପାଇଁ ଆସି ନିରାଶରେ ଫେରୁଛନ୍ତି। ପଞ୍ଚାୟତର ବିଜୟ କୁମାର ଜେନା, ସତ୍ୟଜିତ ନାୟକ, ପ୍ରଦୀପ କୁମାର ବାରିକ, ଦୀପକ ବାରିକ, ନାରାୟଣ ଚନ୍ଦ୍ର ବିଶ୍ୱାଳ, ଜୟନ୍ତ କୁମାର ଦାସ ପ୍ରମୁଖ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଗଞ୍ଜେଇ ଜବତ: ଜଣେ ଗିରଫ

**ବାସୁଦେବପୁର, ୧୫।୧ (ଡି.ଏନ.ଏ.):** ବାସୁଦେବପୁର ଥାନା ପୋଲିସ ସୁଆଁ ଜଗନ୍ନାଥିଛକ ଅଞ୍ଚଳରୁ ଦେଢ଼ କେଜି ଗଞ୍ଜେଇ ଜବତ କରିବା ସହିତ ଜଣେ ବେପାରୀଙ୍କୁ ଗିରଫ କରିଛି। ଗିରଫ ବେପାରୀ ହେଲେ ଜଗନ୍ନାଥି ଗ୍ରାମର ଦାମୋଦର ବେହେରା(୫୬)। ବାସୁଦେବପୁର ଥାନାରେ ଏକ ମାମଲା(ନଂ.୧୧/୨୦) ରୁଜୁ କରାଯାଇ ଗିରଫ ଦାମୋଦରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ମଧୁମିତା ମହାନ୍ତି ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ଘଟଣାରେ ତାଙ୍କ ସ୍ୱାମୀଙ୍କୁ ଫସାଇ ଦିଆଯାଇଛି ବୋଲି ଗିରଫ ଦାମୋଦରଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ପୋଲିସ ତାଙ୍କ ସ୍ୱାମୀଙ୍କୁ ମଙ୍ଗଳବାର ଥାନାକୁ ଡକାଇ ନେଇଥିଲା। ତାଙ୍କଠାରୁ କୌଣସି ଗଞ୍ଜେଇ ଜବତ ହୋଇନାହିଁ। ପୋଲିସ ଅନ୍ୟ କେଉଁଠାରୁ ଗଞ୍ଜେଇ ଜବତ କରି ତାଙ୍କ ସ୍ୱାମୀଙ୍କ ନାମ ଦର୍ଶାଇ ଫସାଇଛି। ଏ ବାବଦରେ ସେ ଭଦ୍ରକ ଏସ୍‌ପିଙ୍କଠାରେ ଗୁହାରି କରିବେ ବୋଲି କହିଛନ୍ତି। ତାଙ୍କଠାରୁ ଗଞ୍ଜେଇ ଜବତ ହୋଇନାହିଁ ବୋଲି ଦାମୋଦର ମଧ୍ୟ ପ୍ରକାଶ କରିଛନ୍ତି। ତେବେ ପୋଲିସ ଯାହାଠାରୁ ଗଞ୍ଜେଇ ଜବତ କଲା ତାଙ୍କୁ ଗିରଫ ନ କରିବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ସନ୍ଦେହ ସୃଷ୍ଟି କରୁଛି ବୋଲି ଗିରଫ ଦାମୋଦର କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

